**ବିର୍ଲା ଟାୟାର୍ସ ଛଟେଇ ଶ୍ରମିକଙ୍କ ଆତ୍ମଦାହ ପ୍ରସଙ୍ଗ**

# ଜିଲ୍ଲା ପ୍ରଶାସନ ସହ ଆଲୋଚନା ପରେ ଏକମାସ ସ୍ଥଗିତ



ବାଲେଶ୍ୱର,୩୦।୭(ସମିସ)

ବିର୍ଲା ଟାୟାର୍ସରେ ଦୀର୍ଘବର୍ଷ କାର୍ଯ୍ୟ କରିଆସିଥିବା ଶ୍ରମିକ କର୍ମଚାରୀମାନଙ୍କୁ ନୂତନ ମାଲିକ ନିଯୁକ୍ତି ଓ ଆଇନଗତ ପ୍ରାପ୍ୟ ନ ଦେବାରୁ ବିର୍ଲାଟାୟାର୍ସ ମିଳିତ ଶ୍ରମିକ ସଂଘ ପକ୍ଷରୁ କାରଖାନା ଫାଟକ ସମ୍ମୁଖରେ ୧୧୮ ଦିନ ଲଗାତର ଗଣଧାରଣା, ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଓ ଜେଲଭରୋ ଆନ୍ଦୋଳନ ପରେ ପ୍ରଶାସନ ଓ ମାଲିକ କୌଣସି ଦାବିପୂରଣ କରି ନ ଥିଲେ। ତେଣୁ ଶ୍ରମିକମାନେ ନିରାଶ ହୋଇ ଜୁଲାଇ ୩୧ତାରିଖ ଦିନ ସମୂହ ଆତ୍ମଦାହ ପାଇଁ ସରକାରଙ୍କୁ ଓ ବିଭିନ୍ନ କାର୍ଯ୍ୟାଳୟକୁ ଜଣାଇଥିଲେ। ଶ୍ରମିକମାନଙ୍କ ଦାବି ଓ ଆନ୍ଦୋଳନକୁ ସମର୍ଥନ ଜଣାଇ ବାଲେଶ୍ୱରର ଶ୍ରମିକ କର୍ମଚାରୀମାନଙ୍କର ମିଳିତ ମଞ୍ଚ ଟିୟୁଏସିସି ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ସାମାଜିକ ସଙ୍ଗଠନ ଓ ଗଣସଙ୍ଗଠନମାନେ ବିର୍ଲା ଶ୍ରମିକମାନଙ୍କ ଆଇନଗତ ଦାବିକୁ ସମର୍ଥନ ଜଣାଇ ସରକାର ଓ ପ୍ରଶାସନ ଉପରେ ଚାପ ସୃଷ୍ଟି କରିଥିଲେ। ଗତ ୨୫ତାରିଖ ଦିନ ଜିଲ୍ଲା ପ୍ରଶାସନପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ବିର୍ଲା ଟାୟାର୍ସର ନୂତନ ଯୁଗ୍ମ ମାଲିକ ଡାଲମିଆ ଭାରତ ରିଫାକଟ୍ରି ଲିଃ ଓ ହିମାଦ୍ରୀ କେମିକାଲ ସ୍ପେଶାଲିଟି ଲିଃର ପରିଚାଳନା କର୍ତ୍ତୃପକ୍ଷ, ଶ୍ରମବିଭାଗ, ପୁଲିସ ବିଭାଗ, ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀବୃନ୍ଦଙ୍କ ସମେତ ଶ୍ରମିକ ସଂଘମାନଙ୍କ ପ୍ରତିନିଧିମାନଙ୍କର ଏକ ତ୍ରିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାର ବିବରଣୀ ଉପରେ ଶ୍ରମିକ ସଂଘମାନେ ଟିୟୁଏସିସି ପକ୍ଷରୁ ଆହୁତ ବୈଠକରେ ଆଲୋଚନାର ବିବରଣୀକୁ ବିଶଦ ତର୍ଜମା କରାଯାଇଥିଲା। ବକେୟା ଭବିଷ୍ୟନିଧି ଦେୟ ଏକମାସ ମଧ୍ୟରେ ପଇଠ, ଉଚ୍ଚହାରରେ ପେନସନ ପାଇଁ ଆବଶ୍ୟକୀୟ ତଥ୍ୟ ଭବିଷ୍ୟନିଧି କମିଶନରଙ୍କୁ ପ୍ରଦାନ, ମୃତ ଓ ଅବସରପ୍ରାପ୍ତ ସମସ୍ତ ଶ୍ରମିକଙ୍କୁ ଆଇନଗତ ଗ୍ରାଚ୍ୟୁଇଟି ପ୍ରଦାନ, ୫୦ବର୍ଷ ବୟସରୁ କମ ଥିବା ଶ୍ରମିକମାନଙ୍କୁ ତୁରନ୍ତ ନିଯୁକ୍ତି ଓ ୫୦ବର୍ଷ ବୟସରୁ ଅଧିକ ଶ୍ରମିକମାନଙ୍କୁ କ୍ଷତିପୂରଣ ଆଦି ଦାବିପୂରଣ ପାଇଁ ବିବରଣୀରେ ସ୍ଥାନ ପାଇଛି। ଏହି ଲିଖିତ ସର୍ତ୍ତଗୁଡ଼ିକର ସଠିକ କାର୍ଯ୍ୟକାରିତା ପାଇଁ ପ୍ରତିମାସରେ ମିଳିତ ବୈଠକ ପାଇଁ ନିଷ୍ପତ୍ତି ନିଆଯାଇଛି। ଗତ ତ୍ରିପାକ୍ଷିକ ବୈଠକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆତ୍ମଦାହ ଭଳି ଚରମ ନିଷ୍ପତ୍ତିରୁ ନିବୃତ ହେବାକୁ ଅନୁରୋଧ କରାଯାଇଥିବାରୁ ଓ ଟିୟୁଏସିସିର ପରାମର୍ଶକ୍ରମେ ଶ୍ରମିକମାନେ ସମୂହ ଆତ୍ମଦାହ ନିଷ୍ପତ୍ତିରୁ ନିବୃତ ରହିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏନେଇ ଆଜି ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ

### ଖୁବଶୀଘ୍ର ଶ୍ରମିକଙ୍କ ସମସ୍ୟାର ହେବ ସମାଧାନ

ଏକ ସାମ୍ବାଦିକ ସମ୍ମିଳନୀରେ ସଂଘର କର୍ମକର୍ତ୍ତାମାନେ ଜଣାଇଛନ୍ତି। ଆସନ୍ତା ୩ମାସ ମଧ୍ୟରେ ଲିଖିତ ପ୍ରତିଶ୍ରୁତିର ସର୍ତ୍ତଗୁଡ଼ିକ ପୂରଣ ଦିଗରେ କାରଖାନା କର୍ତ୍ତୃପକ୍ଷ ଯଦି ଅବହେଳା ପ୍ରଦର୍ଶନ କରନ୍ତି ତେବେ ପୁନଶ୍ଚ ଶ୍ରମିକମାନେ ଚରମ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସାମ୍ବାଦିକ ସମ୍ମିଳନୀରେ ବିର୍ଲା ଟାୟାର୍ସ ମିଳିତ ଶ୍ରମିକ ସଂଘମାନଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିର୍ଲା ଟାୟାର୍ସ ମିଳିତ ଶ୍ରମିକ ସଂଘର ଆବାହକ ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ସମେତ ଟିୟୁଏସିସି ପକ୍ଷରୁ ଅଧ୍ୟକ୍ଷ ପ୍ରଦୀପ୍ତ ପଣ୍ଡା, ଉପାଧ୍ୟକ୍ଷ ଶାନ୍ତନୁ ଦାସ, ସାଧାରଣ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ଏଆଇଟିୟୁସିର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ସୁଦର୍ଶନ ଦାସ, ବିର୍ଲା ଟାୟାର୍ସର ବିଭିନ୍ନ ଶ୍ରମିକ ସଂଘ ପକ୍ଷରୁ ଯଶୋଧାରା ଦାସ, ଚନ୍ଦ୍ରକାନ୍ତ ମାଝୀ, ଭୋଳାନାଥ ବେହେରା, ପ୍ରଦୀପ କୁମାର ପଣ୍ଡା ଓ ହରିହର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

**■ ରିଲିଫ ଚାଉଳ ହେରଫେର ଘଟଣା**

# ସମ୍ପୃକ୍ତବ୍ୟକ୍ତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା ବିଜେଡି



**କାଳିପଦା,୩୦।୭( ସମିସ):** ବନ୍ୟା ରିଲିଫ ଚାଉଳ ହେର ଫେରରେ ସମ୍ପୃକ୍ତ ବିଷ୍ଣୁପୁର ସରପଞ୍ଚ ମହେଶ୍ୱର ଜେନା ଓ ତାଙ୍କ ସମର୍ଥକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି। ଆଜି ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ଏନେଇ ଏକ ସାମ୍ବାଦିକ ସମ୍ମିଳନୀ ହୋଇଥିଲା। ସରପଞ୍ଚ ଶ୍ରୀ ଜେନା ବନ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ ଚାଉଳ ବଣ୍ଟନ କରି ସାରିଥିବାବେଳେ ଅଧିକ ଚାଉଳ ଆସିଲା କେଉଁଠୁ ବୋଲି ବିଜେଡି ପ୍ରଶ୍ନ ଉଠାଇଛି? ପଞ୍ଚାୟତ କାର୍ଯ୍ୟାଳୟରେ ବେଆଇନ ଭାବେ ଅଧିକ ଚାଉଳ ଥିବା ଆଶଙ୍କା କରି ବିଜେଡିର ତିନି ଜଣ କର୍ମୀ ସରୋଜ କୁମାର ଦାସ, ଚନ୍ଦ୍ର ମୋହନ ଦାସ, ଅଶୋକ କୁମାର ରାଉତ ପ୍ରମୁଖ ସୋମବାର ରାତିରେ ଜଗି ରହିଥିଲେ। ମାତ୍ର ସରପଞ୍ଚ ଓ ତାଙ୍କ ସମର୍ଥକ ମାନେ ସେମାନଙ୍କୁ ଚୋର ଆଖ୍ୟା ଦେଇ ପୁଲିସକୁ ଖବର ଦେଇଥିଲେ। ଏହି ଘଟଣାକୁ ଆଧାର କରି ସେଠାରେ ଗଣ୍ଡଗୋଳ ହୋଇଥିଲା। ସେହିଦିନ ଜିଲ୍ଲାପାଳ ବାଲିଆପାଳ ଆସିଥିବାରୁ ଲୋକେ ତାଙ୍କ ଠାରେ ଅଭିଯୋଗ କରିଥିଲେ। ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ, ଏମଆଇ ଅମ୍ବିକା ପ୍ରସାଦ ରଥ, ବିଡିଓ ରାଧା ରଞ୍ଜନ ଦାସ, ପିଓ ପ୍ରଭୁ ରାମ ଦେ ପ୍ରମୁଖ ବିଷ୍ଣୁପୁର ପଞ୍ଚାୟତକୁ ଯାଞ୍ଚ ପାଇଁ ଯାଇଥିଲେ। ସରପଞ୍ଚ ମହେଶ୍ୱର ଜେନା ପଞ୍ଚାୟତ ଗୋଦାମରେ ପନ୍ଦର କୁଇଣ୍ଟାଲ ଚାଉଳ ଥିବା କହିଥିଲେ। ମାତ୍ର ଯାଞ୍ଚ ବେଳେ ୧୭୪ କୁଇଣ୍ଟାଲ ଚାଉଳ ଥିବା ଜଣାପଡ଼ିଥିଲା। ଚାଉଳର ସଠିକ ବିବରଣୀ ସେ ସେଠାରେ ଦେଇ ପାରି ନ ଥିଲେ। ଚାଉଳ ପଞ୍ଚାୟତର ବାକି ଲୋକଙ୍କ ପାଇଁ ରହିବା ସହିତ ମନୋନଗର ଗାଁ ପାଇଁ ଚାଉଳ ଥିବା ସରପଞ୍ଚ ସଫେଇ ଦେଇଥିଲେ। ପୁଲିସ ଦଳୀୟ ଚାପରେ ତିନି ବିଜେଡି କର୍ମୀଙ୍କୁ ଉଠାଇ ଆଣି ଥାନାରେ ମାମଲା ରୁଜୁ କରିଥିଲେ। ସେମାନଙ୍କ ଉପରୁ କେଶ ଉଠିଯାଉ। ନୋହିଲେ ଆନ୍ଦୋଳନ ହେବ ବୋଲି ବିଜେଡି ଦାବି କରିଛି। ବିଜେଡି ଏକ ନିରପେକ୍ଷ ତଦନ୍ତ ମଧ୍ୟ ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା ପରିଷଦ ସଭ୍ୟ ବେଣୁଧର ଜେନା, ନିଶାକର ସେଠୀ, ବରିଷ୍ଠ ନେତା ଅଜୟ କୁମାର ସାମଲ, ମହେଶ୍ୱର ଜେନା, ମନ୍ମଥ କୁମାର ବାରିକ, ସତ୍ୟାନନ୍ଦ ମହାନ୍ତି, ଶ୍ରୀକାନ୍ତ ନାଥ, ରଘୁନାଥ ଜେନା, ମୃତ୍ୟୁଞ୍ଜୟ ନାୟକ, ନିତ୍ୟାନନ୍ଦ ଜେନା, ନବୀନ କୁମାର ପାତ୍ର, ସପନ କୁମାର ଦାସ, ଧର୍ମ ପଦ ଜେନା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

# ବନ୍ୟା ଆସିଲେ ମଧୁପୁରବାସୀଙ୍କ ସାହାରା ଦେଶୀ ଡଙ୍ଗା



**ଭୋଗରାଇ,୩୦।୭( ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ର ତଳିଆ କୁଳିଦା ପଞ୍ଚାୟତର ମଧୁପୁର ଗାଁବାସୀଙ୍କ ପାଇଁ ସୁବର୍ଣ୍ଣରେଖା ନଦୀର ବନ୍ୟା ଅଭିଶାପ ସଦୃଶ୍ୟ। ଏହି ଗାଁକୁ ଥରେ ଯଦି ବନ୍ୟାପାଣି ପ୍ରବେଶ କରେ ତେବେ ଲୋକେ ମାସାଧିକ କାଳ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଥାନ୍ତି। ଘରୁ ଗୋଡ଼ କାଢ଼ିବାକୁ ହେଲେ ଦେଶୀ ଡଙ୍ଗା କେବଳ ସାହାରା। ଲୋକେ ବର୍ଷବର୍ଷ ଧରି ଏହି ଭଳି ଜୀବନ ଜିଉଁ ଥିଲାବେଳେ ଏହାର ସ୍ଥାୟୀ ପ୍ରତିକାର କିଛି ହୋଇପାରୁ ନାହିଁ। ଚଳିତବର୍ଷ ସୁବର୍ଣ୍ଣରେଖା ନଦୀରେ ୫ ଥର ଲଗାତାର ବନ୍ୟା ଆସି ସାରିଲାଣି। ଫଳରେ ପ୍ରାୟ ଦେଢ଼ମାସରୁ ଅଧିକ ହେଲାଣି ଏହି ଗ୍ରାମର ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାକୁ ଲାଗିଛି। ପ୍ରକାଶ ଯେ କୁଳିଦା ପଞ୍ଚାୟତର ମଧୁପୁର ଗ୍ରାମ ସବୁଠାରୁ ତଳିଆ ଗ୍ରାମ ଭାବେ ପରିଚିତ। ଥରେ ବନ୍ୟା ଆସିଲେ ପାଖାପାଖି ୩ ମାସ ପର୍ଯ୍ୟନ୍ତ ଲୋକେ ପାଣି ଘେରରେ ରହିଥାନ୍ତି। ନିତ୍ୟବ୍ୟବହାର୍ଯ୍ୟ ଜିନିଷ ସହିତ ସଉଦାପତ୍ର ଟିକେ ଆଣିବାକୁ ପଡିଲେ ୪କିଲୋମିଟର ପର୍ଯ୍ୟନ୍ତ ବିପଦପୂର୍ଣ୍ଣ ଭାବେ ଡଙ୍ଗାରେ ଆହୁଲା ମାରି ବଜାରକୁ ଆସିବାକୁ ପଡ଼ିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯଦି ରାତି ଅଧରେ ରୋଗୀମାନଙ୍କୁ ଡାକ୍ତରଖାନା ନେବାକୁ ପଡ଼େ ତେବେ ରୋଗୀ ମୃତ୍ୟୁମୁଖରେ ପଡ଼ିବାର ସମ୍ଭାବନା ରହିଥାଏ। ଏଭଳି ସ୍ଥିତିରେ ଏହି ଗ୍ରାମରେ କେତେବେଳେ ପ୍ରଶାସନ ପହଞ୍ଚି ପାରୁଛି ତ କେତେବେଳେ ପହଞ୍ଚି ପାରେ ନାହିଁ। ସେହିପରି ଏହି ଗାଁର ଅଧିକାଂଶ ଲୋକ ଧାନ ଚାଷ ସହିତ ଖଡ଼ି ଓ ଇକିଡ ଚାଷ ଉପରେ ନିର୍ଭର କରୁଥିବା ଥିଲାବେଳେ ସମ୍ପୂର୍ଣ୍ଣଚାଷ ଜମି ମାସାଧିକ କାଳ ବନ୍ୟା ଜଳରେ ବୁଡ଼ି ରହିବା କାରଣରୁ ଲୋକଙ୍କ ଜୀବନ ଜୀବିକା ଉଜୁଡ଼ି ଯାଉଛି। ଏପରିକି ଅନ୍ୟାନ୍ୟ ପଞ୍ଚାୟତକୁ ରିଲିଫ ସାମଗ୍ରୀ ସହଜରେ ପହଞ୍ଚି ଯାଉଥିଲାବେଳେ ଏହି ପଞ୍ଚାୟତକୁ ରିଲିଫ ସାମଗ୍ରୀ ପହଞ୍ଚିବା ବିଳମ୍ବ ହେଉଛି। ଏବାବଦରେ ସରପଞ୍ଚ ପ୍ରଦୀପ ବେହେରା କହନ୍ତି ଯେ ପ୍ରତିବର୍ଷ ବର୍ଷାଋତୁ ଆସିଲେ ନିଶ୍ଚିତ ନଦୀରେ ବନ୍ୟା ଆସୁଛି ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ତେଣୁ ସରକାର ଏହାର ସ୍ଥାୟୀ ପ୍ରତିକାର ସ୍ୱରୂପ ବନ୍ୟା ପାଣି ର ତୁରନ୍ତ ନିଷ୍କାସନ ପାଇଁ ବ୍ୟବସ୍ଥା କରିବା ସହ ଏହି ଅଞ୍ଚଳରୁ ଏ ସୁ ଉଚ୍ଚ ବନ୍ଧ ନିର୍ମାଣକରି ଭୁଆବନ୍ଧ ସହିତ ସଂଯୋଗ କରିଲେ ଲୋକେ ବନ୍ୟା ଯନ୍ତ୍ରଣାରୁ ମୁକ୍ତି ପାଇ ପାରନ୍ତେ।

# ଜାଲ୍ ଭିନ୍ନକ୍ଷମ ପ୍ରମାଣପତ୍ରରେ ଭତ୍ତା ନେଉଥିବା ଅଭିଯୋଗ

**ରାଜଘାଟ,୩୦।୭( ସମିସ):** ବସ୍ତା ବ୍ଲକ୍ କୁଳିଦା ପଞ୍ଚାୟତ ଅଧୀନ କୁଳିଦା ଗ୍ରାମର ଜଣେ ବ୍ୟକ୍ତି ହେଉଛନ୍ତି ଏହି ଗ୍ରାମର ପରମାନନ୍ଦ ସାମଲ। ସୂଚନା ଅନୁସାରେ ପରମାନନ୍ଦ ନିଜକୁ ଜଣେ ଅନ୍ଧଦର୍ଶାଇ ଦୀର୍ଘ ଦିନ ଧରି ଭିନ୍ନକ୍ଷମ ଭତ୍ତା ହାତେଇ ନେଇ ଆସୁଛନ୍ତି। ମାତ୍ର ପରମାନନ୍ଦ ରାତିରେ ଖୁଲମଖୁଲା ଯାତାୟାତ କରିବା ସହ ଦିନରେ ସାଇକେଲ ଯୋଗେ ଧାନ ତଳି ବୋହୁଥିବାର ଦେଖିବାକୁ ମିଳିଥିଲା। ତେଣୁ ତୁରନ୍ତ ତଦନ୍ତ କରି ଭିନ୍ନକ୍ଷମ ସାର୍ଟିଫିକେଟଟିକୁ ଅବୈଧ କରାଯିବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠା ଗ୍ରହଣ କରିବା ଲାଗି ପୂର୍ବତନ



ତଞ୍ଚକତା କରି ଭିନ୍ନକ୍ଷମ ସାର୍ଟିଫିକେଟ୍ ହାସଲ କରିବା ସହ ମାସିକ ଭତ୍ତା ନେଉଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ସେ ସରପଞ୍ଚ ସୁନୀଲ କୁମାର ସେନାପତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିହିର ରଞ୍ଜନ ବେହେରାଙ୍କୁ ଅଭିଯୋଗ କରିଛନ୍ତି।

# ଭୋଗରାଇରେ ବିଏସ୍ଏନ୍ଏଲ୍ ଉପଭୋକ୍ତା ହନ୍ତସନ୍ତ

**ଭୋଗରାଇ,୩୦।୭( ସମିସ):** ସର୍ବପୁରାତନ ମୋବାଇଲ ନେଟୱର୍କ ବିଏସ୍ଏନ୍ଏଲ୍ ପାଇଁ ଲୋକେ ଏବେ ହନ୍ତସନ୍ତ। ଭୋଗରାଇ ବ୍ଲକ ପରିସରରେ ଟ୍ରେନ୍ ଟିକେଟ ପାଇଁ ବିଏସ୍ଏନ୍ଏଲ୍ ଲିଙ୍କ୍ ଦ୍ୱାରା ଚାଲିଥାଏ। ଟ୍ରେନ ଟିକେଟ କାଟିବା ପାଇଁ ଲୋକେ ବହୁ ଦୂରରୁ ଆସିଥାନ୍ତି। କେତେବେଳେ ଲିଙ୍କ୍ ଫେଲ୍ ତ କେତେବେଳେ ସର୍ଭର ଫେଲ୍ ଭଳି ସମସ୍ୟା ହେଉଛି। ବିଏସ୍ଏନ୍ଏଲ୍‌ର ଉପଭୋକ୍ତାମାନଙ୍କ ମୋବାଇଲ୍ ନେଟୱର୍କ ବେଳେବେଳେ ଦୁଇଦିନ ପର୍ଯ୍ୟନ୍ତ ରହେ ନାହିଁ। ପ୍ରତ୍ୟେକ ମାସ ମୋବାଇଲରେ ରିଚାର୍ଜ କରୁଥିବା ଉପଭୋକ୍ତା ଏବେ ହରଣଘଡ଼ାରେ। ଥାନା ଛକରେ ଥିବା ବିଏସ୍ଏନ୍ଏଲ୍‌ର ଇନ୍‌ଭାଇଟର ପଡ଼ିଯାଇଥିବାରୁ ବହୁଦିନ ହେବ ବିଦ୍ୟୁତ ରହିଲେ ବିଏସ୍ଏନ୍ଏଲ୍‌ର ନେଟୱର୍କ ରହୁଛି ବିଦ୍ୟୁତ ନ ରହିଲେ ବିଏସଏନଏଲର ନେଟୱର୍କ ଫେଲ। ବିଭିନ୍ନ ଅଫିସଗୁଡ଼ିକ ବିଏସ୍ଏନ୍ଏଲ୍‌ର ନେଟୱର୍କ ଚାଲୁଥିବାରୁ ଅଫିସରେ କାମକରି ପାରୁନାହାନ୍ତି କର୍ମଚାରୀ। ଏବାବଦରେ ବିଏସ୍ଏନ୍ଏଲ୍‌ର କାଷ୍ଟମରକେୟାର ସାଙ୍ଗରେ ଯୋଗାଯୋଗ କରିଥିଲେ ମଧ୍ୟ କାର୍ଯ୍ୟ କରିଦେବ କହି କାଟି ଦେଉଛନ୍ତି ଫୋନ୍। ଏବାଦରେ ବିଏସ୍ଏନ୍ଏଲ୍‌ର ଏସ୍‌ଡିଓଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ ସେ ଖୁବଶୀଘ୍ର ଇନ୍‌ଭାଇଟର ବସାଇବେ ବୋଲି କହି ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଯଦି ଖୁବଶୀଘ୍ର ବିଏସ୍ଏନ୍ଏଲ୍‌ର ଇନ୍‌ଭାଇଟର ନ ବସାଯାଏ ଆଗାମି ଦିନରେ ଉପଭୋକ୍ତାମାନେ ରାଜ ରାସ୍ତାରେ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

# ମାଛ ବ୍ୟବସାୟୀଙ୍କ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ



**ଚନ୍ଦନେଶ୍ୱର,୩୦।୭(ସମିସ):** ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅଧୀନ କାନ୍ଥଭଉଁରୀ ପଞ୍ଚାୟତର ବିଚିତ୍ରପୁର ଗ୍ରାମରେ ଥିବା ମୁଖ୍ୟ ରାସ୍ତା କଡ଼ରେ ଶ୍ରଦ୍ଧାପୁର ଓ କାନ୍ଠଥଭଉଁରୀ ପଞ୍ଚାୟତର କେତେକ ମାଛ ବ୍ୟବସାୟୀ ଦୀର୍ଘଦିନ ଧରି ରାସ୍ତା କଡ଼ରେ ମାଛ ବ୍ୟବସାୟ କରି ଆସୁଥିଲେ। ମାତ୍ର ରାସ୍ତାରେ ଜନଗହଳି ହେବା ଓ ଦୁର୍ଘଟଣା ଘଟିବାର ସମ୍ଭାବନା ଅଧିକ ଥିବାରୁ ପ୍ରଶାସନ ତରଫରୁ ସେମାନଙ୍କୁ ଶ୍ରଦ୍ଧାପୁର ହାଟ ମଝିକୁ ସ୍ଥାନାନ୍ତରିତ କରାଯାଇଥିଲା। ମାତ୍ର ସେଠାରେ ମାଛ ବ୍ୟବସାୟ ପାଇଁ ଅସୁବିଧା ଏବଂ ହାଟ ମଝିରେ ମାଛର ଦୁର୍ଗନ୍ଧ ହେବାରୁ ପୁଣି ପୂର୍ବଭଳି ସେମାନେ ବିଚିତ୍ରପୁର ରାସ୍ତା କଡ଼ରେ ବ୍ୟବସାୟ କରୁଛନ୍ତି। ସେମାନେ ମାଛ ବ୍ୟବସାୟ କରୁଥିବା ରାସ୍ତା କଡ଼ର ପୂର୍ବପଟେ ସରକାରୀ ଜାଗା ଥିବାରୁ ତାକୁ ମାପ କରି ଅବରୋଧ ମୁକ୍ତ କରିବାପାଇଁ ମାଛ ବ୍ୟବସାୟୀମାନେ ଭୋଗରାଇ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ମାଛ ବ୍ୟବସାୟୀମାନଙ୍କର ଜୀବନ ଜୀବିକା ନିର୍ଭର କରୁଥିବାରୁ ତୁରନ୍ତ ସରକାରୀ ଜାଗାକୁ ଅବରୋଧ ମୁକ୍ତ କରିବା ପାଇଁ ମାଛ ବ୍ୟବସାୟୀ ଭାଗିରଥ ପାତ୍ର, ସୁବଳ ଜେନା, ଚିତ୍ତରଞ୍ଜନ ପଟ୍ଟାୟତ, ଅଙ୍କୁର ବେହେରା, ଅଜୟ ଜେନା, ନିମାୟ ପାଳ, ଅରବିନ୍ଦ ଜେନା, ହରପ୍ରସାଦ ଦାସ ପ୍ରମୁଖ ଦାବି କରିଛନ୍ତି। ଅପରପକ୍ଷରେ ଏହି ମୁଖ୍ୟ ରାସ୍ତାଟି ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ବାବା ଭୁଷଣ୍ଡେଶ୍ୱର ମନ୍ଦିର ଓ ବିଚିତ୍ରପୁର ଇକୋ ଟୁରିଜିମକୁ ଲାଗିଥିବାରୁ ସଦାବେଳେ ଜନଗହଳି ପୂର୍ଣ୍ଣ ରାସ୍ତା ହୋଇଥାଏ। ଏହି ରାସ୍ତା କଡରେ ବ୍ୟବସାୟୀମାନେ ମାଛ ବିକ୍ରି ନ କରି ଅନ୍ୟତ୍ର ମାଛ ବ୍ୟବସାୟ କରିବାକୁ କେତେକ ଗ୍ରାମବାସୀ ଦାବି କରିଛନ୍ତି।

**ଶାରୀରିକ ମହାବିଦ୍ୟାଳୟର ନାମଲେଖା ପାଇଁ ଫିଟିଲା ବାଟ**

# ତିନୋଟି ବିଭାଗର ପରୀକ୍ଷା ଦେଲେ ଛାତ୍ରଛାତ୍ରୀ

ବାଲିଆପାଳ,୩୦।୭(ସମିସ)

ବାଲିଆପାଳ ବ୍ଲକ୍ ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ବହୁ ବାଦବିବାଦ ପରେ ବୁଧବାର ଚଳିତବର୍ଷ ପିଲାଙ୍କର ମାନଲେଖା ପାଇଁ କଲେଜ କର୍ତ୍ତୃପକ୍ଷଙ୍କ ତତ୍ପରତା ପ୍ରକାଶ କରିଛନ୍ତି। ବିଗତ ଏକବର୍ଷ ହେଲା ଜମିଜାଗା ବିବାଦକୁ କେନ୍ଦ୍ର କରି ଜମି ମାଲିକ ଏବଂ ପରିଚାଳନା କମିଟି ମଧ୍ୟରେ ମତାନ୍ତର ଲାଗି ରହିଥିଲା ଫଳରେ ପିଲାଙ୍କ ଆଡମିଶନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା। ଏହି ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ



ଉଭୟପକ୍ଷଙ୍କ ମଧ୍ୟରେ ଆଂଶିକ ସମାଧାନ ପରେ ବିପିଏଡ, ସିପିଏଡ, ଏମ୍‌ପିଏଡରେ ଆଡମିଶନ ପାଇଁ ଅନଲାଇନ ଆବେଦନ କରିଥିବା ଛାତ୍ରଛାତ୍ରୀଙ୍କର ସ୍ୱାସ୍ଥ୍ୟ, ଶାରୀରିକ ଓ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଛି। ପ୍ରକାଶ ଥାଉ କି କଲେଜର ମୋଟ ସିଟ୍ ସଂଖ୍ୟା ୧୯୦ ଥିବା ବେଳେ ବୁଧବାର ୧୦୯ ଜଣ ପିଲା ଭାଗନେଇଥିଲେ। ଅବଶିଷ୍ଟ ଛାତ୍ରଛାତ୍ରୀ ଗୁରୁବାର ସୁଯୋଗ ପାଇବେ ବୋଲି କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ସୁଶାନ୍ତ କୁମାର ଦେ କହିଛନ୍ତି। ଫାର୍ମାସିଷ୍ଟ ରବୀନ୍ଦ୍ର ପାତ୍ର, ଖେଳ ଶିକ୍ଷକ ଡ. ବିଭୂତି କୁମାର ମିଶ୍ର, ଅବଦୁଲ ରହିମ୍, ଡ. ସୁଶାନ୍ତ କୁମାର ଦାସ, ଚିତ୍ରାଙ୍ଗଦା ପଟ୍ଟନାୟକ, ପ୍ରଦୀପ ଗିରି ପ୍ରମୁଖ ପର୍ଯ୍ୟବେକ୍ଷକ ଥିଲେ। ଅବଦୁଲ ରହିମ୍,ସୁଛନ୍ଦା ମହାପାତ୍ର, ରଘୁନାଥ ସି ପରିଚାଳନା କରିଥିଲେ।




# ପାଣି ଘେରରେ ଅସହାୟ ବୃଦ୍ଧା

**ଜଳେଶ୍ୱର,୩୦।୭( ସମିସ):** ଜଳେଶ୍ୱର ବ୍ଲକ୍‌ର ସୁବର୍ଣ୍ଣରେଖା ନଦୀକୂଳିଆ କିଛି ଗାଁ ଚଳିତବର୍ଷ ବାରମ୍ବାର ବନ୍ୟା ଆସିବା ଦ୍ୱାରା ବନ୍ୟା ପାଣିରେ ଅନେକ ପରିବାର ପାଣି ଘେରରେରହି ହନ୍ତସନ୍ତ ହେବାର ପରିଲକ୍ଷିତ ହେଉଛି। ରାଇବଣିଆ ଅଞ୍ଚଳର ଖୁଦିଆମାଝୀ ସାହି ଓ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତର ମଧ୍ୟ କିଛି ଅଞ୍ଚଳ ବନ୍ୟା ପାଣି ଘେରରେ ଆସିଥିଲା। ଅନ୍ୟାନ୍ୟ ପଞ୍ଚାୟତ ନଦୀକୂଳିଆ ଗର୍ଭର ପାଖାପାଖି ଶହେରୁ ଉର୍ଦ୍ଧ୍ୱ ଫୁଟ ଉଚ୍ଚତାରେ ଅବସ୍ଥିତ। ଚଳିତବର୍ଷ ବନ୍ୟାରେ ମାତ୍ର ପାଣି ଘେରରେ ରହିଚି ୫ନଂ ୱାର୍ଡ। ଏହି ୱାର୍ଡର ବୃଦ୍ଧା ପୁଟରୀ ପାତ୍ର (୭୨) ପାଣି ଘେରରେ ରହିଛନ୍ତି। ସ୍ୱାମୀ କାଳିଚରଣ ପାତ୍ର ତିନିବର୍ଷ ତଳେ ପୁଟରୀଙ୍କ ହାତଛାଡି ଆରପାରିକୁ ଚାଲି ଯାଇଛନ୍ତି। ନିଜ ଭାଗ୍ୟକୁ ନିନ୍ଦି କେଉଁକାଳରୁ ଭଙ୍ଗା ଦଦରା ଘରେ ରାତି ବିତାଉଛି। ବଡ଼ପୁଅ ବାହା ହୋଇ ସ୍ତ୍ରୀ ଓ ପିଲାଛୁଆ ଧରି ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକରେ ରହୁଛି। ସେହିପରି ବର୍ଷା ପାଣି ଠିକ ଭାବରେ ନିଷ୍କାସନ ନ ହେବାରୁ ଘରେ ପାଣି ପଶି ମାଟିଘର ସନ୍ତସନ୍ତିଆ ହୋଇ ଅନେକ ହଇରାଣ ହରକତ ହେଉଛନ୍ତି ସେହି ୱାର୍ଡର ପୁନିଆ ପାତ୍ର ଓ ପଞ୍ଚାନନ ବେହେରା। ଆଜି ଯାଏ ସରକାରୀ ଆବାସ ପାଇବାରୁ ବଞ୍ଚିତ ଥିବାବେଳେ ଚଳିତବର୍ଷ ସରକାରୀ ଆବାସରେ ଆବେଦନ କରି ତାଲିକାରେ ଅନ୍ତର୍ଭୁକ୍ତ ରହିଥିବାର ସୂଚନା। ଶନ୍ୟାସି ବେହେରା, ନାରାଣ ଦାସ ଓ ମାର୍କଣ୍ଡ ପଲାଇ ଏପରି ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପାଖରେ ନିବେଦନ କରିଛନ୍ତି।



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଚନ୍ଦ୍ରମଣୀ ଜେନା
ଗ୍ରାମ-ଦକ୍ଷିଣବାଡ଼, ଧାମନଗର, ଜିଲ୍ଲା-ଭଦ୍ରକ
ଆବିର୍ଭାବ - ୨୧/୧୨/୧୯୪୬
ତିରୋଧାନ - ୨୧/୦୭/୨୦୨୫

ବାପା, ଆପଣଙ୍କ ଅବର୍ତ୍ତ ମାନରେ ଆଜକୁ ଏଗାର ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମ୍ଭେ ପ୍ରତି ମୁହୂର୍ତ୍ତ ରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଆପଣଙ୍କର ହତଭାଗ୍ୟ ପୁତ୍ର
ଡ଼. ଅଜିତ୍ ପ୍ରସାଦ ଜେନା,
ସତ୍ୟଜିତ ଜେନା, ସୁବ୍ରତ ଜେନା,
ଦେବବ୍ରତ ଜେନା ଓ ବନ୍ଧୁ ସ୍ୱଜନ, ଜେନା ପରିବାର ବର୍ଗ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ମହେନ୍ଦ୍ର ନାଥ ସ୍ୱାଇଁ
ଗ୍ରାମ - ଲକ୍ଷ୍ମୀ ସାଗର, ଖୋର୍ଦ୍ଧା
ଆବିର୍ଭାବ - ୧୭.୦୨.୧୯୪୧, ତିରୋଧାନ - ୨୧.୦୭.୨୦୨୫

ଆପଣଙ୍କର ଅବର୍ତ୍ତମାନରେ ଚାହୁଁ ଚାହୁଁ ୧୧ ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଶିକ୍ଷକ ଜୀବନ ନୀତି, ନୈତିକତା, ଆଦର୍ଶ, ବ୍ୟକ୍ତିତ୍ୱ ଆମପାଇଁ ଶ୍ରେଷ୍ଠ ସମ୍ବଳ ହେଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ଝିଅ, ନାତି, ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ

# ବନ୍ୟା ବିପନ୍ନଙ୍କ ଦୁଃଖ ବୁଝିଲେ ବିଧାୟିକା



ବାଲିଆପାଳ,୩୦।୭(ସମିସ): ସୁବର୍ଣ୍ଣରେଖାରେ ବନ୍ୟାଜଳ ହ୍ରାସ ପାଇଥିଲେ ମଧ୍ୟ ବହୁତ ଗ୍ରାମ ବନ୍ୟାପାଣି ଘେରରେ ଏବେବି ରହିଛି। ବନ୍ୟା ପରବର୍ତ୍ତି ଅବସ୍ଥାରେ ଜନସାଧାରଣଙ୍କ ସୁବିଧା ଅସୁବିଧା ବାବଦରେ ଅନୁଧ୍ୟାନ କରିବାକୁ ବସ୍ତା ବିଧାୟିକା ସୁବାସିନୀ ଜେନା ମଙ୍ଗଳବାର ବାଲିଆପାଳ ବ୍ଲକର ବିଷ୍ଣୁପୁର ପଞ୍ଚାୟତର ବିଭିନ୍ନ ଗ୍ରାମଗୁଡ଼ିକ ଗସ୍ତ କରି ଜନସାଧାରଣଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ପରେ ଶ୍ରୀମତୀ ଜେନା ତୃତୀୟ ବନ୍ୟା ପାଣିରେ ଭାସିଯାଇ ମୃତ୍ୟୁବରଣ କରିଥିବା ରାଜେଶ ସିଙ୍ଗ ପରିବାର ବର୍ଗକୁ ଭେଟି ସମବେଦନା ଜଣାଇଥିଲେ। ସୁବର୍ଣ୍ଣରେଖା ରେଖା ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ସୁବର୍ଣ୍ଣ ରେଖା ସଂସ୍କାର ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ବିଧାନସଭାରେ ସ୍ୱର ଉଠେଇବେ ବୋଲି ଶ୍ରୀମତୀ ଜେନା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲାପରିଷଦ ସଦସ୍ୟ ବେଣୁଧର ଜେନା, ନବୀନ ପାତ୍ର, ଶ୍ରୀକାନ୍ତ ନାଥଙ୍କ ସମେତ ବହୁ ନେତା ବିଧାୟିକାଙ୍କ ସହ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ।

# କର୍କଟ ପୀଡ଼ିତଙ୍କୁ ସହାୟତା କଲା 'ହେଲ୍ପ ଫର ୟୁ'




ଜଳେଶ୍ୱର ବ୍ଲକ୍,୩୦।୭(ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ଅଧୀନ ଇଡ଼ଦା ଗ୍ରାମର ନବଘନ ଜେନାଙ୍କ ପୁଅ ଅଭିଳାଷ କର୍କଟ ରୋଗରେ ପୀଡ଼ିତ ଅଛନ୍ତି। ସେଠାକାର ଅଞ୍ଚଳବାସୀ 'ହେଲ୍ପ ଫର ୟୁ' ଫାଉଣ୍ଡେସନକୁ ଅବଗତ କରାଇବା ପରେ ଆଜି ଟିମ ଆସି ସହାୟତାର ହାତ ବଢ଼ାଇଛନ୍ତି। ବସ୍ତା ଏସ୍‌ଡିପିଓ ମାନସ ଦେଓ ସହଯୋଗରେ ସଙ୍ଗଠନର ସମସ୍ତ କର୍ମକର୍ତ୍ତା ଆର୍ଥିକ ସହାୟତା ପାଞ୍ଚ ହଜାର, କିଛି ମାସର ରାସନ ସାମଗ୍ରୀ, ପରିବାରକୁ ନୂତନ ବସ୍ତ୍ର, କୁନି ଝିଅ ପାଇଁ ପାଠ୍ୟ ସାମଗ୍ରୀ ସହିତ ଅନ୍ୟାନ୍ୟ ଜିନିଷ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଅଭିଳାଷ ଜେନାଙ୍କ ଏକମାତ୍ର ଝିଅର ଭବିଷ୍ୟତ ଅନ୍ଧାର ଘେରକୁ ଠେଲି ହୋଇଯାଉଛି। କାରଣ ତାଙ୍କ ଧର୍ମପତ୍ନୀ ରେବତୀ ଜେନା ଚଲାକ ଚତୁର ନୁହନ୍ତି। ଗୋଟିଏ ଓଳି ଚୁଲି ଜଳୁଛି ତ ଆଉ ଗୋଟିଏ ଓଳି ଭୋକିଲା ରହିବାକୁ ପଡୁଛି। ଭଙ୍ଗା ଦଦରା ଘରେ ବିତୁଛି ଏ ପରିବାରର ଜୀବନ।

# ନିର୍ବାହୀ ଯନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

କାଳିପଦା,୩୦।୭(ସମିସ): ବାଲିଆପାଳଠାରେ ଅବସ୍ଥାପିତ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅବନୀ କୁମାର ରାଉତ ମଙ୍ଗଳବାର ପଦୋନ୍ନତି ପାଇ ନିର୍ବାହୀ ଯନ୍ତ୍ରୀ ହୋଇଛନ୍ତି। ଏହି ସଫଳତା ପାଇଁ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ସୌଭାଗ୍ୟ କୁମାର ଦାସ ଯନ୍ତ୍ରୀ ରାଉତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଯନ୍ତ୍ରୀ ରାଉତ ବାଲିଆପାଳ ଗ୍ରାମ୍ୟଉନ୍ନୟନ ଉପବିଭାଜନର ସହକାରୀ ଯନ୍ତ୍ରୀ ଭାବରେ ଦକ୍ଷତାର ସହିତ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ।



# ୯ ଲକ୍ଷର ସୁନା ଗହଣା ସହ ୧ଲକ୍ଷ ଟଙ୍କା ଚୋରି

ଜଳେଶ୍ୱର,୩୦।୭(ସମିସ): ଜଳେଶ୍ୱର ଥାନା ଅଧୀନ ସେଖ ସରାଇ ଗାଁର ସତ୍ୟନାରାୟଣ ମହାନ୍ତିଙ୍କ ଘରୁ ଦିନ ଦ୍ୱିପ୍ରହରରେ କବାଟ ତାଲା ଓ ଲୁହା ହୁକ୍ ଭାଂଗି ଚୋରି ହୋଇଥିବା ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଶ୍ରୀ ମହାନ୍ତି ବାଲେଶ୍ୱରରେ ଚାକିରି କରୁଥିବାରୁ ଆଜି ସକାଳ ୭ଟାରେ ଯାଇଥିବା ବେଳେ ଦୁଇପୁତ୍ର ମଧ୍ୟ ବାଲେଶ୍ୱରରେ ଅବସ୍ଥାନ କରୁଛନ୍ତି। ଆଜି ତାଙ୍କ ସ୍ତ୍ରୀ ରୀତାରାଣୀ ମହାନ୍ତି ନିକଟସ୍ଥ ବାପଘରକୁ ୧୨ଟା ସମୟରେ ଖାଇବାକୁ ଯାଇଥିବା ବେଳେ ଘରେ କେହି ନ ଥିଲେ। ସେ ଅପରାହ୍ଣ ୪ଟାରେ ଘରକୁ ଫେରି କବାଟ ଚାବି ଭଂଗାଯାଇଥିବା, ଲୁହା ହୁକ୍ ଭଂଗାଯିବା ସହିତ ସମସ୍ତ ଆଲମାରୀ ଭଂଗା ଅବସ୍ଥାରେ ପଡିଥିବା ଦେଖି ପୁଲିସ୍‌କୁ ଖବର ଦେଇଥିଲେ। ନଗଦ ୧ଲକ୍ଷ ଟଙ୍କା ସହିତ ପ୍ରାୟ ୯ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ କେତେକ ରୂପା ଅଳଙ୍କାର ଚୋରୀ ହୋଇଥିବା ଅଭିଯୋଗ ହୋଇଛି। ଜଳେଶ୍ୱର ପୁଲିସ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଥିବା ବେଳେ ଦିନ ଦ୍ୱିପ୍ରହରରେ ଏପରି ଚୋରି ଘଟିଥିବାରୁ ସ୍ଥାନୀୟ ଅଂଚଳରେ କକୁଆଭୟ ସୃଷ୍ଟି ହୋଇଛି।

## ମହିଳାଙ୍କୁ ହାତ ଉଠାଇ ପ୍ରଧାନ ଶିକ୍ଷୟିତ୍ରୀ ହଟହଟା

# ଶିକ୍ଷୟିତ୍ରୀଙ୍କୁ ତାଲା ମାରିଲେ ଅଭିଭାବକ; ବିଦ୍ୟାଳୟରେ ଉତ୍ତେଜନା

ବାଲେଶ୍ୱର/ରୂପସା,୩୦।୭(ସମିସ)




ସଦର ବ୍ଲକ୍ ଅଧୀନସ୍ଥ ଉଇଟିକିରିସ୍ଥିତ ହରେକୃଷ୍ଣ ହାଇସ୍କୁଲରେ ଆଜି ପିଟିଏ ମିଟିଂ ଚାଲିଥିବାବେଳେ ଜଣେ ମହିଳା ଅଭିଭାବକଙ୍କ ଉପରକୁ ହାତ ଉଠାଇ ହଟହଟା ହୋଇଛନ୍ତି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ। ବୁଧବାର ଏହି ବିଦ୍ୟାଳୟରେ ପିଟିଏ ମିଟିଂ ଆହ୍ୱାନ କରାଯାଇଥିଲା। ପୂର୍ବ ନିର୍ଦ୍ଧାରିତ ସମୟ ମୁତାବକ ଅଭିଭାବକମାନେ ମଧ୍ୟ ବିଦ୍ୟାଳୟର ପହଞ୍ଚିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନା ଦାସଙ୍କ ଉପସ୍ଥିତିରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ଆରମ୍ଭ ହୋଇଥିଲା। ପାନୀୟଜଳ ଓ ଶୌଚାଳୟକୁ ନେଇ କିଛି ଅଭିଭାବକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଦ୍ୟାଳୟରେ ଆକ୍ୱାଗାର୍ଡ ଲଗିଥିଲେ ବି ଏହାକୁ ମରାମତି କରା ଯାଉ ନ ଥିବାରୁ ଏଠାରେ ପାଠ ପଢୁଥିବା ୨୧୧ ଜଣ ଛାତ୍ରଛାତ୍ରୀଙ୍କୁ ଟାଙ୍କିରେ ଥିବା ଅପରିଷ୍କାର ପାଣି ପିଉଛନ୍ତି। ସେହିପରି ଶୌଚାଳୟ ଥିଲେବି ଏହା ବ୍ୟବହାର ଉପଯୋଗୀ ହୋଇ ନ ଥିବାରୁ ଏଠାରେ ପଢୁଥିବା ୧୦୨ ଜଣ ଛାତ୍ରୀ ପ୍ରତିଦିନ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମୟରେ ଅପରିଷ୍କାର ହୋଇ ପଡ଼ିଥିବା ଶୌଚଳୟକୁ ଦେଖେଇବା ପାଇଁ ଅଞ୍ଜଳି ଧଳ ନାମକ ଜଣେ ମହିଳା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଡାକିବାରୁ ସେ ଉକ୍ତ ମହିଳାଙ୍କ ଉପରକୁ ହାତ ଉଠାଇଥିଲେ। ଫଳରେ ସେଠାରେ ଉପସ୍ଥିତ ଥିବା ଅଭିଭାବକମାନେ ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନା ଦାସଙ୍କୁ ତାଲା ମାରିବା ସହିତ ତାଙ୍କର ବଦଳି ଦାବି କରିଥିଲେ। ଯାହାଫଳରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ବସ୍ତା ପୁଲିସ ଓ ସ୍ଥାନୀୟ ସିଆରସିସି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ଆସନ୍ତା ତିନିଦିନ ଭିତରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଥଣ୍ଡା ପଡ଼ିଥିଲା। ତେବେ ଘଟଣା ସମ୍ପର୍କରେ ଅଞ୍ଜଳି ବସ୍ତା ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି। ପୂର୍ବରୁ ମଧ୍ୟ ଏହି ଶିକ୍ଷୟିତ୍ରୀଙ୍କ ବିରୋଧରେ ଗ୍ରାମବାସୀ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ବିଭିନ୍ନ ଅନିୟମିତତାର ଅଭିଯୋଗ କରିଥିବା ପ୍ରମାଣ ମିଳିଛି।

## ● ଦେବୋତ୍ତର ବିଭାଗ ଜମି ମାପବେଳେ ଲଙ୍କାକାଣ୍ଡ

# ଫେରି ଆସିଲେ ଆର୍‌ଆଇ, ଅମିନ ଓ ପୁଲିସ

ନୀଳଗିରି,୩୦।୭(ସମିସ): ନୀଳଗିରି ତହସିଲଦାରଙ୍କ ନିର୍ଦ୍ଦେଶରେ ଆରଆଇ, ଅମିନ ଓ ପୁଲିସ କର୍ମଚାରୀ ରାହାସ ବିହାରୀ ଠାକୁରଙ୍କ ନାମରେ ଥିବା ଏକ ଜମିକୁ ମାପ ପାଇଁ ଯାଇଥିଲାବେଳେ କିଛି ନ୍ୟସ୍ତସ୍ୱାର୍ଥବ୍ୟକ୍ତି କର୍ମଚାରୀଙ୍କୁ ଗାଳିଗୁଲଜ କରି ମାପି ବାକୁ ଦେଇନଥିଲେ। ଫଳରେ ଆରଆଇ ଓ ଅମିନ ଓ ପୁଲିସ କର୍ମଚାରୀ ଫେରି ଆସିଛନ୍ତି। ସୂଚନାଯୋଗ୍ୟ ନୀଳଗିରି ଏନ୍‌ଏସି ଅଧୀନସ୍ଥ୧୦ନଂ ୱାର୍ଡ ତଳ କହାଲିଆ ମୌଜାର ରାହାସବିହାରୀ ଠାକୁରଙ୍କ ନାମରେ୧.୭୫ଡି. ମି. ପରିମିତ ଏକ ପୋଖୋରୀ ଯାହାର ଆଡି ୫୪୮ ଏରିଆର ୦.୭୫ଡି.ମି.ରହିଛି। ଏହି ପୋଖରୀଟି ଦେବୋତ୍ତର ବିଭାଗ ଅଧୀନସ୍ଥ ସମ୍ପତ୍ତି ଅଟେ। ଶ୍ରୀ ରାହାସ ବିହାରୀ ଠାକୁରଙ୍କ ନାମରେ ଥିବା ଏକଏକର ଜମିକୁ କିଛି ନ୍ୟସ୍ତ ସ୍ୱାର୍ଥବାଦୀ ବ୍ୟକ୍ତିମାନେ ନିଜକୁ ମାର୍ଫତଦାର ଦର୍ଶାଇ ବିକ୍ରି କରି ଦେଇଥିବାର ଦେବୋତ୍ତର ବିଭାଗ କୌଣସି ସୂତ୍ରରୁ ସୂଚନା ପାଇବାପରେ ଅବଶିଷ୍ଟ ସମ୍ପତ୍ତିର ସ୍ଥିତାବସ୍ଥା ଜାଣିବାକୁ ନୀଳଗିରି ତହସିଲଦାରଙ୍କୁ ଏକ ଚିଠି କରିଥିଲେ। ଉକ୍ତ ଚିଠି ମୂଳେ ନୀଳଗିରି ତହସିଲଦାରଙ୍କ ନିର୍ଦ୍ଦେଶରେ ଆଜି ପୂର୍ବାହ୍ନରେ ପ୍ରଥମେ ପୋଖରୀ ଏବଂ ଆଡି କୁ ମାପିବା ପାଇଁ ନୀଳଗିରି ସଦର ଆରଆଇ, ଅମିନ ଓ ପୁଲିସ ସେଠାରେ ପହଞ୍ଚି ମାପ ଆରମ୍ଭକ୍ଷଣି ଚକ୍ରଧରପୁର ସାହିର କିଛି ବ୍ୟକ୍ତି ଗାଳିଗୁଲଜ କରିବା ସହ ମାପିବାକୁ ଦେଇ ନଥିଲେ। ଏପରି କି ମିଥ୍ୟା ମୋକଦ୍ଦମାରେ ଛନ୍ଦି ଦେବୁ ବୋଲି ଉଦୟ ନାରାୟଣ ଷଡ଼ଙ୍ଗୀ, ଦିଲ୍ଲୀପ ଷଡ଼ଙ୍ଗୀ, ପ୍ରଫୁଲ ଦାସ, କୃପାସିନ୍ଧୁ ରଥ, ପ୍ରଭାକର ପଣ୍ଡା,ବିଜୟ ଦାସ, ନଳିନୀ ଷଡ଼ଙ୍ଗୀ ଏବଂ ହରପ୍ରିୟା ଦାସ ପ୍ରମୁଖ ଧମକ ଦେଇଥିଲେ।

# ଗନ୍ଧାଳି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ଖଇରା,୩୦।୭(ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ମହତୀପୁର ପଞ୍ଚାୟତ ଅଧୀନ ଗନ୍ଧାଳୀ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ ତଥା ପୂର୍ବରୁ କାର୍ଯ୍ୟକରିଥିବା ୩ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବୁଧବାର ଦ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ବିଶିଷ୍ଟ ଶିକ୍ଷାବିତ ଡ. ଭଗବାନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ମୁଖ୍ୟ ଅତିଥି,ବାସୁଦେବପୁର ମନ୍ଦାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବାନ ରାଉତ ମୁଖ୍ୟବକ୍ତା, ମହତୀପୁର କ୍ଲଷ୍ଟର ସିଆରସିସି ଦିଲୀପ କୁମାର ସାହୁ ଓ ପ୍ରଶାନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ଅବସରଗ୍ରହଣ କରିଥିବା ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ସାମଲ ତଥା ଅନ୍ୟତ୍ର ବଦଳି ହୋଇଥିବା ଶିକ୍ଷୟତ୍ରୀ ବିଣାପାଣି ଦାସ ଓ ଶିକ୍ଷକ ପ୍ରଫୁଲ୍ଲ ରାଉତଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁଲତା ରାଉତ ଧନ୍ୟବାଦ ଅର୍ପଣ ଓ ପରିଚାଳନା କମିଟିର ପ୍ରାକ୍ତନ ସଭାପତି ସଞ୍ଜୟ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନ ନେଇ ସେମିନାର




ଜଳେଶ୍ୱର,୩୦।୭(ସମିସ): ଜଳେଶ୍ୱର ବ୍ଲକ୍ ଅଧୀନରେ ଥିବା ଦୀନକୃଷ୍ଣ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ +୩ ପ୍ରଥମବର୍ଷ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଏବଂ "ଅତୀତର ପ୍ରତିଧ୍ୱନି: କର୍ମକ୍ଷେତ୍ରରେ ଯୌନ ଉତ୍ପୀଡନର ଐତିହାସିକ ଦିଗନ୍ତ ଏବଂ ଆଇନ ୨୦୧୩ ସେମିନାର କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଲୁଖିଟୁଡୁ ଅତିଥି ପରିଚୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଏବଂ ସେମିନାର ବିଷୟରେ ଅଭିଭାଷଣ ରଖିଥିଲେ। ଉକ୍ତ ସଭାରେ କଲେଜ ଅଧ୍ୟକ୍ଷ ସୁକାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତା କରିଥିଲେ। କଲେଜ ଇତିହାସ ବିଭାଗର ମୁଖ୍ୟ ଡା.ମାନସ୍ କୁମାର ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପିଲାମାନଙ୍କୁ 'ଅତୀତର ପ୍ରତିଧ୍ୱନି: କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନର ଐତିହାସିକ ଦିଗନ୍ତ ଏବଂ ଆଇନ ୨୦୧୩ ସେମିନାର ଉପରେ କାର୍ଯ୍ୟସ୍ଥଳରେ ମହିଳା ମାନଙ୍କ ସୁରକ୍ଷା ନିମନ୍ତେ ଅଧିକାର, ଆଇନ ଧାରା ୨୦୧୩ ଏବଂ ନ୍ୟାୟ ସମ୍ବନ୍ଧରେ ଅଭିଭାଷଣ ସଭାରେ ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ସେମିନାର ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ରତିକାନ୍ତ ମିଶ୍ର ସ୍ୱାଗତ ଜଣାଇଥିଲେ ଏବଂ ପିଲାଙ୍କ ଭବିଷ୍ୟତ ନେଇ ମତ ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ସାଗର ମୁର୍ମୁ ପିଲାଙ୍କୁ ସ୍ୱାଗତ ଜଣାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବର୍ଣ୍ଣରେଖା ନଦୀବନ୍ଧ ରାସ୍ତା ଶୋଚନୀୟ

କାଳିପଦା,୩୦।୭(ସମିସ): ବାଲିଆପାଳ ବ୍ଲକ୍ କୁମ୍ଭାରୀ ପଞ୍ଚାୟତ ଝଲ ଝଲିଆରୁ ଅସ୍ତି ପଞ୍ଚାୟତ ସର୍ଦ୍ଦାର ସାହି ସୁବର୍ଣ୍ଣରେଖା ନଦୀବନ୍ଧ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଜଳସେଚନ ବିଭାଗ ଏହି ରାସ୍ତାରେ ଦୀର୍ଘଦିନ ହେବ ମୁଠେ ମୋରମ କି ମେଟାଲ ପକାଇ ନାହିଁ। ରାସ୍ତାର ବହୁ ଜାଗାରୁ ପିଚୁ ଉଠିବା ସହିତ ଖାଲଖମାରେ ପରିଣତ ହୋଇଛି। ବହୁଜାଗାରେ ରାସ୍ତା ଦବି ଯାଇଛି। ଚଳିତ ବନ୍ୟାରେ ପାଳପଡା ଠାରେ ନଦୀ ବନ୍ଧ ଦବି ଯିବାରୁ ଜଳ ସେଚନ ବିଭାଗ ବନ୍ଧକୁ ରକ୍ଷା କରିବା ପାଇଁ ଅସ୍ଥାୟୀ ଭାବେ ବାଲି ବସ୍ତା ପକାଇଥିଲେ। ପରବର୍ତ୍ତୀ ବନ୍ୟାରେ ଏଠାରେ ବନ୍ଧ ଭାଙ୍ଗି ଯିବାର ଆଶଙ୍କା ରହିଛି। ବନ୍ଧ ଭାଙ୍ଗିଲେ ବନ୍ଧ ତଳ ଗାଁ ଗୁଡିକ ନିଶ୍ଚିହ୍ନ ହୋଇ ଯିବ। ସେହିପରି ଅସ୍ତି ପଞ୍ଚାୟତର ବଡାପାଳ ହାଟ ଓ ସର୍ଦ୍ଦାର ସାହି ଗାଁ ନିକଟରେ ନଦୀ ବନ୍ଧ ଦୁର୍ବଳ ଅବସ୍ଥାରେ ରହିଛି। ଚଳିତବର୍ଷ ଯେଭଳି ଭାବେ ସୁବର୍ଣ୍ଣ ରେଖାରେ ବନ୍ୟା ଦାଉ ସାଧୁଛି ସେଭଳି ଲାଗି ରହିଲେ ପରିସ୍ଥିତି ସଂକଟପୂର୍ଣ୍ଣ ରହିବ ବୋଲି ଗୋବିନ୍ଦ ଦଳାଇ, ଘନଶ୍ୟାମ ବେହେରା, ନିଗମାନନ୍ଦ ସାହୁ, ରବୀନ୍ଦ୍ର ଗୋଛାୟତ, ପୂର୍ଣ୍ଣଚନ୍ଦ୍ର ଦାସ, ଅଶୋକ କୁମାର ଦାସ, ସୁଦାମକୃଷ୍ଣ ଦାସ, ଅରବିନ୍ଦ ଦେଉରୀ ପ୍ରମୁଖ ପ୍ରକାଶ କରିଛନ୍ତି। ଚଳିତବର୍ଷ ବନ୍ଧ ଓ ରାସ୍ତା ମରାମତି ପାଇଁ ଆଦୌ ବୟ ବରାଦ କରା ଯାଇ ନାହିଁ ବୋଲି ବିଭାଗୀୟ ଯନ୍ତ୍ରୀ କହିଛନ୍ତି। ସେହିପରି ଜାମକୁଣ୍ଡା ଲକ ଠାରେ କବାଟ ଦୁର୍ବଳ ରହି ଥିବାରୁ ଠିକ ଭାବରେ କାମ କରୁ ନାହିଁ। ବନ୍ୟା ଜଳ ଅବାଧରେ ଷୋଳସା ପାଣ୍ଡରେ ପଶି ଯାଉଛି। ଅନ୍ୟ ଚେକଡ୍ୟାମ୍‌ଗୁଡ଼ିକ ମରାମତି ଅଭାବରୁ ଠିକ ଭାବରେ କାମକରୁ ନାହିଁ। ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ



ବାଲିଆପାଳ,୩୦।୭(ସମିସ): ବାଲିଆପାଳ ବ୍ଲକ୍ ନିଖିରା ପଞ୍ଚାୟତ ଅଧୀନସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟ, ପାଳବେଗୁନିଆଁର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସିପ୍ରା ଦାସଙ୍କୁ ବୁଧବାର ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ଭୂୟାଁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟରଞ୍ଜନ ଭୂୟାଁ ଯୋଗ ଦେଇ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ବ୍ରଜେନ୍ଦ୍ର ନାଥ ଗିରି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କାହ୍ନୁଚରଣ ଗିରି, ଅନନ୍ତ କୁମାର ଭୂୟାଁ, ଲକ୍ଷ୍ମଣ ଚରଣ ଦଳାଇ, ପ୍ରଧାନ ଶିକ୍ଷକ ବିଶ୍ୱମ୍ବର ପାତ୍ର, ରବିନ୍ଦ୍ରନାଥ ସାହୁ, ଗ୍ରାମ ମୁଖ୍ୟ ମୂରଲୀଧର ମହାନ୍ତି, ଭାସ୍କର ପ୍ରଧାନ ଓ ପ୍ରତିମା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ସହକାରୀ ଶିକ୍ଷକ ମନୋରଞ୍ଜନ ଜେନା ମନ୍ତ୍ରପାଠ ସହିତ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟୟନରତ ଛାତ୍ରଛାତ୍ରୀଗଣ, ପୁରାତନ ଛାତ୍ରଗଣ ଯଥା ଶୟନ କୁମାର ମହାନ୍ତି, ସୁରେଶ ପ୍ରଧାନ, ମନୋରଞ୍ଜନ ବାରିକ, ତପସ୍ୱୀ ମହାନ୍ତି, ନିରଞ୍ଜନ ନନ୍ଦୀ, କରୁଣାକର ପ୍ରଧାନ , ନିର୍ମଳ ଗିରି,ତପୁବନ୍ତ ଗିରି, ମଧୁସୁଦନ ପ୍ରଧାନ, ଅଜୟ ମହାନ୍ତି, ମନ୍ମଥ ଗିରି ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଦେବକୀ ପାତ୍ର, କ୍ଲଷ୍ଟର ଶିକ୍ଷକ ଶିକ୍ଷିକାଗଣ, ଅଭିଭାବକଗଣ, ଗ୍ରାମବାସୀବୃନ୍ଦ,ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟାବୃନ୍ଦ ପ୍ରଭୃତି ଯୋଗଦାନ କରି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଧାନ ଚାଷରୁ ନିର୍ଗତ ଗ୍ୟାସ୍ ଆକଳନ ସମ୍ପର୍କିତ କର୍ମଶାଳା

ଚନ୍ଦନେଶ୍ୱର,୩୦।୭(ସମିସ)




ଇକ୍ରିକ ପ୍ରକଳ୍ପ ଜରିଆରେ ଜାତୀୟ ଧାନ ଗବେଷଣା କେନ୍ଦ୍ର, କଟକ ସହାୟତାରେ ଉଭୟ ବ୍ଲକ ବାଲେଶ୍ୱର ଜିଲ୍ଲାର ଭୋଗରାଇ ଓ ବାଲିଆପାଳର ଦୁଇଟି ଗ୍ରାମରେ ଚାଷ ଜମିରୁ ନିର୍ଗତ ହେଉଥିବା ମିଥେନ ଗ୍ୟାସର ସମ୍ପର୍କିତ କର୍ମଶାଳା ଗତ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ଗତ ହେଉଥିବା ମିଥେନ ଗ୍ୟାସର ସମ୍ପର୍କିତ ତାଲିମ ପ୍ରଦାନ ସହ ଶ୍ରୀପଦ୍ଧତି ଧାନ ଚାଷ ଏବଂ ପାରମ୍ପରିକ ଧାନ ଚାଷରୁ ନିର୍ଗତ ହେଉଥିବା ମିଥେନ ଗ୍ୟାସର ଅଧ୍ୟୟନ ନିମନ୍ତେ ଯନ୍ତ୍ରାଂଶ ସ୍ଥାପନ ସହ କିଭଳି ତାହା ସିରିଞ୍ଜ ମାଧ୍ୟମରେ ସାପ୍ତାହିକ ସଂଗ୍ରହ କରାଯିବ ଏ ନେଇ ସବିଶେଷ ଆଲୋଚନା ହୋଇଥିଲା। ଏଥିରେ ଜାତୀୟ ଗବେଷଣା କେନ୍ଦ୍ର, କଟକର ପ୍ରିନ୍ସପାଲ ବୈଜ୍ଞାନିକ ଡ଼.ଅଞ୍ଜନୀ କୁମାର ଏବଂ ୟଙ୍ଗ ପ୍ରଫେସନାଲ ସ୍ମୃତିରଞ୍ଜନ ଜ୍ଞାନ କୌଶଳ ପ୍ରଦାନ କରିଥିଲେ। ଚାଷୀମାନଙ୍କୁ ବିଭିନ୍ନ ପ୍ରକାର ତାଲିମ ଦେଇଥିଲେ। ଡିପିଏମ୍‌ଇଉର ଡିସିଓ ହରିପ୍ରିୟା ଚାନ୍ଦ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହିତ ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। ବାଲିଆପାଳ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ପ୍ରଭା ମଞ୍ଜରୀ ଉପସ୍ଥିତ ରହି ଚାଷୀମାନଙ୍କୁ ଉତ୍ସାହ ଓ ପ୍ରେରଣା ଯୋଗାଇଥିଲେ। ଆୟୋଜିତ ସମସ୍ତ କାର୍ଯ୍ୟକ୍ରମକୁ ଏଫଏନଜିଓ ବିଏସଏସଏସର ଟିମ ଲିଡର ଚନ୍ଦ୍ରଶେଖର ପଣ୍ଡା ପରିଚାଳନା କରିଥିବା ବେଳେ ଜୀବନ ଜୀବିକା ଅଧିକାରିଣୀ ଶର୍ମିଷ୍ଠା ସେନ, କ୍ଲଷ୍ଟର ସଂଯୋଜକ ଶିବାୟନ ଜେନା, ଅରବିନ୍ଦ ପାତ୍ର, ତିଳୋତ୍ତମା ମହାନ୍ତ ଏବଂ ଉଭୟ ବ୍ଲକର ପରିବେଶ ସାଥୀମାନେ ଉପସ୍ଥିତ ଥିଲେ।

# ଧାନ ପଞ୍ଜୀକରଣରେ ସରଳୀକରଣ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଜଳେଶ୍ୱର,୩୦।୭(ସମିସ): ଧାନବିକ୍ରୟ ପାଇଁ ହେଉଥିବା ଚାଷୀ ମାନଙ୍କ ନାମ ପଞ୍ଜିକରଣରେ ସରଳ ବ୍ୟବସ୍ଥା ଲାଗି ଅଖିଳ ଭାରତ କୃଷକ ସଭା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବୁଧବାର ଜଳେଶ୍ୱର ତହସିଲ ସମ୍ମୁଖରେ କୃଷକ ନେତା ଦିଲ୍ଲୀପ କୁମାର ଗିରି, ନେତୃତ୍ୱ ଦେଇ, ଧାନ ପଞ୍ଜୀକରଣରେ ଜଟିଳତା ସୃଷ୍ଟି ହେଉଥିବା ସମ୍ପର୍କରେ ସରକାରଙ୍କ ନୀତାକୁ ସମାଲୋଚନା କରିଥିଲେ। ପଞ୍ଜିକରଣ ବେଳେ ଲିଗାଲ ହେୟାର ସାର୍ଟିଫିକେଟ ସହିତ ଚାଷୀଙ୍କୁ ତହସିଲ ଅଫିସ, ଡାକ୍ତର ଖାନାକୁ ଧାଇଁବାକୁ ପଡୁଛି। ବ୍ୟାଙ୍କରେ ଇ କେ ଓ୍ୱାଇ ସି ଦାଖଲ ହୋଇନଥିଲେ ପଞ୍ଜିକରଣ ହେଉନଥିବା ବେଳେ ପଞ୍ଜିକରଣ କରିବାକୁ ହେଲେ ଚକ୍ଷୁ ସ୍କାନ ବାଧ୍ୟତାମୂଳକ କରାଯାଇଛି। କୃଷି କାର୍ଯ୍ୟ ସମୟରେ ଅଧିକ ସମୟ ବର୍ବାଦ ହେଉଥିବାବେଳେ ଗ୍ରାମାଞ୍ଚଳରେ ନେଟ ରହୁନଥିବାରୁ ବହୁ ସମସ୍ୟା ସୃଷ୍ଟି ହେଉଛି ବୋଲି ଅଭିଯୋଗ କରିଥିଲେ। ଭାଗଚାଷୀ ଓ ଜମି ମାଲିକ ଉଭୟ ଉପସ୍ଥିତ ରହିଲେ ଯାଇଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ ହୋଇପାରିବ। ଦୁରଦୂରାନ୍ତରେ ରହୁ ଥିବା ଜମି ମାଲିକ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଆସିବାକୁ ରାଜି ନଥିବାରୁ ବିଚରା ଚାଷୀଟି ନାମ ପଞ୍ଜିକରଣ ପ୍ରକ୍ରିୟା ରୁ ବାଦ୍ ହେବ ବୋଲି ଆଶଙ୍କା କରାଯାଉଛି। ଅଖିଳ ଭାରତ କୃଷକ ସଭାର ବ୍ଲକ ସଭାପତି ଜୀବନ ପରିଡ଼ା, ପଞ୍ଜୀକରଣ ଶେଷ ତାରିଖ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇବା, ଲିଗାଲ ହେୟାର ସାର୍ଟିଫିକେଟ୍ ଦେବା ନିୟମର ଉଚ୍ଛେଦ, କେବଳ ବ୍ୟାଙ୍କ ଜମା ଖାତାର ନକଲ, ପୂର୍ବ ନିୟମ ଅନୁଯାୟୀ ଚକ୍ଷୁ ସ୍କାନର ବ୍ୟବସ୍ଥା,ଜମି ମାଲିକର କେବଳ ଲିଖିତ ଜମାନବନ୍ଦୀ ନେଇ ପ୍ରକୃତ ଚାଷୀର ନାମ ପଞ୍ଜିକରଣ କରିବ ବିଷୟରେ ଦାବୀ କରିଛନ୍ତି। ପଞ୍ଜିକରଣ ପ୍ରକ୍ରିୟାକୁ ସରଳୀକରଣ ନହେଲେ ଚାଷୀ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନରେ, ସର୍ବଶ୍ରୀ ଦିଲ୍ଲୀପ କୁମାର ଗିରି, ରବୀନ୍ଦ୍ର ବାରିକ, ଜୀବନ ପରିଡ଼ା, ଦିପ୍ତିମାନ ଆଚାର୍ଯ୍ୟ, ଅକ୍ଷୟ କୁମାର ମିଶ୍ର, ଗଣେଶ ପାତ୍ର, ଲକ୍ଷ୍ମୀଧର ପଲାଇ, ବଙ୍କିମ ବିଶ୍ୱାଳ, ଚନ୍ଦନ ଶତପଥୀ, ପ୍ରକାଶ ଦେ, ଉପେନ୍ଦ୍ର ପରିଡ଼ା ସବିତା ଭୂୟାଁ, ସୁମିତ୍ରା ଦେ, ଜ୍ଞାନେନ୍ଦ୍ର ଜେନା, ରାଜକୁମାର ଆଚାର୍ଯ୍ୟ, ନରେନ୍ଦ୍ର ରାଉତ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

